text of the time



# ଗାନ୍ଧୀଙ୍କ ସହ କପେ କଫି



ଶୈଳେନ୍ଦ୍ର ଦ୍ୱିବେଦୀ

EVENTS

# ଏକ ଅଦ୍ଭୁତ ବଂଶୀ ବାଦକ ସନ୍ଧାନରେ

ନିକଟରେ ଜଣେ ବନ୍ଧୁ କହିଲେ ଯେ ଫୁଲବାଣୀ ଠାରୁ ପାଖାପାଖି ୧୪୦ କି. ମି. ଦୂର ଏକ ଛୋଟ ଗାଁରେ ଜଣେ ଅଦ୍ଭୁତ ବଂଶୀ ବାଦକ ଅଛନ୍ତି । ଗାଁଠୁ ପ୍ରାୟ ଏକ କି.ମି. ଦୂରରେ ଅଛି ପାହାଡ ଘେରା ଚମତ୍କାର ଉପତ୍ୟକା । ତା' ନାଁ 'ଗଂଗିପେନୁ'। ବର୍ଷର ନିର୍ଦ୍ଦିଷ୍ଟ ଦିନରେ ଗଂଗିପେନୁଙ୍କ ପୂଜା ସରିବା ପରେ ବଂଶୀ ବାଦକ ସେଇଠି ବସି ବଂଶୀ ବଜାନ୍ତି । ତାଙ୍କ ସହିତ ଧାପ ଏବଂ ନିଷିଣାରେ ତାଳ ଦିଅନ୍ତି ଗାଁର ଆଉ ଦୁଇ ଜଣ । ମୁଁ ପଚାରିଲି, 'ସେଇଠୁ' ! ବନ୍ଧୁ କହିଲେ, ଏଇ ବାଦ୍ୟ ବିଚିତ୍ରାର ପ୍ରାୟ ଅଧ ଘଣ୍ଟା ପରେ ଶହ ଶହ ଚଢ଼େଇ ସେମାନଙ୍କର ଖୁବ୍ ନିକଟକୁ ଚାଲି ଆସନ୍ତି ଏବଂ ସେମାନେ ବି ସେଇ ସୁରରେ ଯେମିତି ଗୀତ ଗାଇବାକୁ ଚେଷ୍ଟା କରନ୍ତି । ବନ୍ଧୁଙ୍କଠୁ ଏ କଥା ଶୁଣିବା ପରେ ମୁଁ ଆଶ୍ଚର୍ଯ୍ୟ ହୋଇଥିଲି । ତୁଛା ଆଇ ମା କାହାଣୀ ନା ମାର୍କ୍ୱେଜ୍‌ଙ୍କ କୁହୁକ ବାସ୍ତବିକତା ! ତେବେ ଠିକ୍ ତା'ପର ଦିନ ମୁଁ ସେ ଗାଁକୁ ଯିବା ପାଇଁ ସ୍ଥିର କରିଥିଲି ।

ତା-୧୩/୧୨/୨୦୧୪ । ନିର୍ଦ୍ଦିଷ୍ଟ ଗାଁ ଦେଶୁଘାଟିରେ ପହଞ୍ଚିବା ପାଇଁ ୩ ଘଣ୍ଟାରୁ କିଛି ଅଧିକ ସମୟ ଲାଗିଥିଲା । ଦେଶୁଘାଟି ତୁମୁଡିବନ୍ଧ ବ୍ଲକ୍ ଝିରିପାଣି ପଞ୍ଚାୟତର ଏକ ଛୋଟ ଗାଁ । ଗାଁର ସବୁ ଅଧିବାସୀ କୁଟିଆ କନ୍ଧ । ତୁମୁଡିବନ୍ଧର ବେଲଘର, ଗୁମା ଏବଂ ବିଲାମାଳ ପଞ୍ଚାୟତର ୬୭ଟି ଗାଁରେ କୁଟିଆ କନ୍ଧ ଅଛନ୍ତି । ତେବେ ଏସବୁ ପଞ୍ଚାୟତ ବାହାରେ ବି କିଛି ଗାଁରେ ସେମାନେ ଅଛନ୍ତି । ଦେଶୁଘାଟିର ଏକ ବିଶେଷ ପରିଚୟ ବି ରହିଛି । କୁଟିଆ କନ୍ଧ ଭାଷାରେ ପ୍ରଥମ ଗଳ୍ପ ସଂକଳନର ଲେଖକ ବାସନ୍ତୀ ମାଝୀଙ୍କ ବାପଘର ଗାଁ ଦେଶୁଘାଟି । ଦେଢ଼ ବର୍ଷ ତଳେ ଏଇ ଗାଁକୁ ମୁଁ ଆସିଥିଲି । ବେଲଘରଠାରୁ

ଦେଶୁଘାଟି ଆସିବା ରାସ୍ତାରେ ଅଙ୍କାବଙ୍କା ଚାଉଳଧୁଆ ନଈକୁ ୭ଥର ଅତିକ୍ରମ କରିବାକୁ ପଡିଥିଲା । ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସେବାଭାରତୀ' ସହାୟତାରେ ଏଇ ଗାଁରେ ତିଆରି ହୋଇଥିଲା ଏକ ମିନି ହାଇଡେଲ୍ ପ୍ରୋଜେକ୍ଟ । କମ୍ ଖର୍ଚ୍ଚରେ ବିଜ୍ଞାନର ବ୍ୟାବହାରିକ ପ୍ରୟୋଗର ଚମତ୍କାର ନମୂନା । ପିପଡାବାଲି ପାହାଡ ଉପର ଯେଉଁ ଚିରସ୍ରୋତା ଝରଣା ବନ୍ଧାହୋଇ ଟର୍ବାଇନ୍‌କୁ ପାଣି ଆସୁଥିଲା ସେଇ ଝରଣାର ନାଁ 'ସାବି ଦଉଣି' । ଦେଢ଼ ବର୍ଷ ତଳେ ଦେଶୁଘାଟି ଯିବା ପଛରେ ମୋର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଏଇ ମିନି ହାଇଡେଲ୍ ପ୍ରୋଜେକ୍ଟ । ଏଥର କିନ୍ତୁ ଆସିଥିଲି ସେଇ ଅଦ୍ଭୁତ ବଂଶୀ ବାଦକଙ୍କ ସନ୍ଧାନରେ । ମୁଖିଆ ଗଂଗାଧର ଜାନିଙ୍କ ସମେତ ପ୍ରାୟ ବୟସ୍କମାନେ ଗାଁରେ ଥିଲେ । ଦେଢ଼ ବର୍ଷ ଭିତରେ ଦେଶୁଘାଟିରେ ବିଶେଷ କିଛି ବଦଳିବା ପରି ଲାଗୁ ନ ଥିଲା । ଆଖି-ଦୃଶିଆ ପରିବର୍ତ୍ତନ କେବଳ ଥିଲା 'ବିଜୁ ଗ୍ରାମ ଜ୍ୟୋତି ଯୋଜନା'ରେ ଗାଁ ଦାଣ୍ଡରେ ପଡିଥିବା କେତୋଟି ବିଜୁଳି ଖୁଣ୍ଟ । ଗଂଗାଧର କହିଲେ, କେଇ ମାସ ହେଲା ବିଜୁଳି ତ ଆସିଛି, ହେଲେ ଆମ ମିନି ହାଇଡେଲ୍ ପ୍ରୋଜେକ୍ଟର ଯନ୍ତ୍ରପାତି ଅଚଳ ହୋଇଯାଇଛି । ସଜାଡିବାକୁ ଲୋକ ନାହାନ୍ତି କି ପଇସା ନାହିଁ । ଏଇ ପ୍ରକଳ୍ପ ସହିତ ସଂପୃକ୍ତ 'ସେବାଭାରତୀ'ର ପ୍ରାକ୍ତନ କର୍ମଚାରୀ ସୁରେଶ ମହାନ୍ତି ସଂଯୋଗକୁ ଗାଁରେ ଥିଲେ । ୨୭ ବର୍ଷ ଧରି ନିଜ ଗାଁ (ଯାଜପୁରର ବରୀ) ଛାଡି ସୁରେଶ ଏଇଠି । ସେ କହିଲେ, ଟର୍ବାଇନ୍ ଠିକ୍ ଅଛି କିନ୍ତୁ ଭୋଲ୍‌ଟେଜ୍ ରେଗୁଲେଟର ଏବଂ ସୁଇଚ୍ ଇକ୍ୱିପ୍‌ମେଣ୍ଟ ଖରାପ ହୋଇ ସାରଛି । ଆମ ପାଖରେ ସେତେବେଳକୁ ଆସି ପହଞ୍ଚିଥିଲେ ପଙ୍କଜ ଜାନି, ଦେବେନ୍ଦ୍ର, ବୀରେନ୍ଦ୍ର, ମଂଗରାଜ ଏବଂ ଗଂଗା ଜାନି ।

ସିଧାସଳଖ ବଂଶୀବାଦକଙ୍କ ପ୍ରସଙ୍ଗକୁ ଆସିବା ପାଇଁ ମୁଁ ଚାହୁଁ ନଥିଲି । ପଚାରିଲି, ଆଗକୁ ପୂଜା ପର୍ବ କଣ ସବୁ ଅଛି ? ଗଂଗାଧର କହିଲେ, ଏବେ ପୁଷ ଚାଲିଛି । ଶିମ୍ବ ଫୁଲ ଫୁଟିଲାଣି । ଆଗକୁ 'ଶିମ୍ବ ପୂଜା' । ଫଗୁଣରେ ମେରିଆ ବଳି, ଚୈତ୍ରରେ 'ଚୈତ୍ର ଯାତ୍ରା' । ଜ୍ୟେଷ୍ଠରେ 'ସୋପାଂଗୁଡା' ପୂଜା । 'ସୋପାଂଗୁଡା' ପୂଜା କଣ ଜାଣିବାକୁ ଚାହିଁଥିଲି । ସୁରେଶ କହିଲେ, ଜ୍ୟେଷ୍ଠରେ ବିହନ ବୁଣା ହେବ ଏବଂ 'ସୋପାଂଗୁଡା' ପୂଜା ସବୁ ଗାଁରେ ହେବ । ଧରଣୀପେନୁ କନ୍ଧମାନଙ୍କର ମୁଖ୍ୟ ଦେବତା । ଗଂଗାଧର କହିଲେ ଆମ ବାପ ଦାଦି ଯୋଉ ଗାଁରୁ ଏ ଅଞ୍ଚଳକୁ ଆସିଛନ୍ତି, ସବୁଠି ଧରଣୀପେନୁ

ଅଛନ୍ତି । ଆଖପାଖ ୧୪ଟି ପଦର ଆମ ପାଇଁ ବଡ । (ଗାମ୍ଭେରୀ ପଦର, ସାବିଦଉଣି, ଗଣଟା, ବଟାଙ୍ଗି, ଲିକା ବଟାଙ୍ଗି, ପେନଣ, ପେଣ୍ଡରା, ପକରି, ଅଡିଲିପା, ଡୁଡିଡିପା, ପିପଡାବାଲି, କାତିଗାଡା, ସର୍ଦ୍ଦାପୁର ଏବଂ ଦେଶୁଘାଟି) । ପରେ ପରେ ଦୂର ପାହାଡକୁ ହାତ ଦେଖାଇ ଗଂଗାଧର କହିଲେ, ଆଜ୍ଞା, ଅସଲ ଦେଶୁଘାଟି ସେଇ ପାହାଡ ଘାଟୀ ଡେଇଁବା ପରେ । ସେଇଠି ଆଉ ଲୋକବାକ କେହି ନାହାଁନ୍ତି । ପାହାଡ ଆଡକୁ ଚାହିଁଥିଲି । ଦୂରରୁ ସବୁ ଝାପ୍‌ସା ଦିଶୁଥିଲା । ଗଂଗାଧର କହିଲେ ଏଇ ସବୁ ପଦରମାନଙ୍କର ସନ୍ଧିରେ(ସୀମା) ଧରଣୀପେନୁ ଅଛନ୍ତି । କେବଳ କାତିଗାଡା ଏବଂ ସର୍ଦ୍ଦାପୁରରେ ଧରଣୀପେନୁଙ୍କ ପୂଜା ଆମେ କରୁନା । ସେ ଗାଁ ଲୋକ ଆମକୁ ଡାକନ୍ତି । ସୁରେଶ କହିଲେ, ବର୍ଷକ ବାରମାସ ଏମାନଙ୍କର କିଛି ନା କିଛି ପର୍ବ । କୁଟିଆ  କନ୍ଧମାନଙ୍କର ବିଶ୍ୱାସ ଯେ 'ନେରାନ୍ଦାଲି' ଏବଂ 'ପ୍ରାମ୍ଭୁମାଙ୍ଗେରା' ସେମାନଙ୍କର ଆଦି ଦମ୍ପତ୍ତିଏବଂ ଏମାନେ ସେମାନେ ସମସ୍ତେ ବଂଶଧର ।

ଏ ଯାଏଁ ମୁଁ ସେଇ ଅଦ୍ଭୁତ ବଂଶୀ ବାଦକଙ୍କ ବିଷୟରେ ପଚାରି ନଥିଲି । (ସେ ହୁଏତ ଏ ଗାଁର ବାସିନ୍ଦା ହୋଇ ନଥାଇ ପାରନ୍ତି ! ) ସେ ଚମତ୍କାର ଉପତ୍ୟକା କଥା ବି ପଡି ନଥିଲା । ମୋ ପାଖରେ ସେତେବେଳକୁ ବସିଥିଲେ ପିଟୁଲା ମାଝୀ । ବୟସ ୭୦ରୁ ଅଧିକ । ଲମ୍ବା ଚୁଟି । ପରିଣତ ବୟସରେ ତଥାପି ଉଜ୍ଜ୍ୱଳ । ପଚାରିଲି, ଏଠି 'ଗଂଗିପେନୁ' କୋଉଠି ? ପିଟୁଲା କହିଲେ, କିଛି ବାଟ ପଡିବ (ଯାହା ପାଖାପାଖି ଏକ କି.ମି.) । ପାହାଡ ଘେରା ଏକ ସୁନ୍ଦର ଅଂଚଳ । ସୁରେଶ କହିଲେ, ଚାରିଟି ପାହାଡ ଘେରିଛି ସେଇ ଯାଗାକୁ- 'ମାଦାକୁପୁଡି', 'ଖଲିଂଗୁହାଡି', 'ରିଂଦାବାଲି' ଏବଂ 'ପିପଡାବାଲି' । 'ସାବିଦଉଣି' ଝରଣା, 'ଦିଂଦାଜଡି'ଏବଂ 'ଗଂଜିମାସ୍କା' ସେଇ ସବୁ ପାହାଡରୁ ବାହାରିଛନ୍ତି । ବର୍ଷରେ ଥରେ 'ଗଂଗିପେନୁ'ଙ୍କୁ  ପୂଜା କରିବା ପାଇଁ ଗ୍ରାମବାସୀ ଯାଆନ୍ତି । ୨୦-୨୫ ବର୍ଷ ତଳେ ସେଇ ସବୁ ପାହାଡ ଢ଼ାଲୁରେ ପୋଡୁଚାଷ ହେଉଥିଲା । ୬୪ ପ୍ରକାର ଫସଲ । ମାଣ୍ଡିଆ,ବାଜରା, କତାଂଗା, ଆର୍କା, ସୁଆଁ, କୁଇରି . . . . । ଏବେ ତ ପୋଡୁ ଚାଷ ଢ଼େର୍ କମି ଗଲାଣି । ତେଣୁ ଗଂଗିପେନୁକୁ ଯିବା ଆସିବା ବି କମ୍ । ଏଣେ ପୋଡୁଚାଷ କମି ଯିବାରୁ ବାଉଁଶ, ବଣକଦଳୀ, ଫୁଲଝାଡୁ, ଜଙ୍ଗଲ କନ୍ଦା ସବୁ କମି ଗଲାଣି । ସୁରେଶ ନିଜେ ଗଂଗିପେନୁ ଯାଇଛନ୍ତି ନା ନାହିଁ ପଚାରିଥିଲି । ସେ କହିଲେ, ପ୍ରତିଧ୍ୱନି ଫେରାଉଥିବା


ସେ ପାହାଡ ଘେରା ଅଂଚଳ ପ୍ରକୃତିର ବିସ୍ମୟ । ତେବେ ଦିନ ୧୨ଟା ପରେ ସେ ଯାଗା ଅନ୍ଧାରିଆ ହୋଇଯାଏ । ପୁଣି କହିଲେ, ପାଣି ଥିବାରୁ ସେଠି ଅନେକ ଜୀବଜନ୍ତୁ । ଗାଁ ଦାଣ୍ଡରେ କେହି ଜଣେ ଝୁଡୁଙ୍ଗ ମଞ୍ଜି ଶୁଖାଉ ଥିଲା । ଗଂଗାଧର କହିଲେ 'କାହୁଡକା' । ସୁରେଶ କହିଲେ, ଏଠିକାର ମୁଖ୍ୟ ଡାଲି । କିଛି ଲୋକ ଯାକୁ 'ମାଙ୍କଡଦାନ୍ତି' କହନ୍ତି । ଗଂଗିପେନୁ ଯିବା ପାଇଁ ଆମେ ବାହାରିଥିଲୁ, ତେବେ ସେଠି ବଂଶୀ ବଜାଇ ପକ୍ଷୀ ମାନଙ୍କୁ ଆକର୍ଷିତ କରିଥିବା ବ୍ୟକ୍ତି ଜଣକ ଠିକ୍ କିଏ-ସେ ସଂପର୍କରେ ଏ ଯାଏଁ ସୁରାକ୍ ମିଳି ନ ଥିଲା । ପଚାରିଲି, ପର୍ବ ପର୍ବାଣୀରେ ଆପଣମାନେ ବାଜା ବଜାନ୍ତି ! ପିଟୁଲା କହିଲେ, ହଁ ଆଜ୍ଞା, ଧାପ, ମାଦା, ନିଷିଣା, ଝାଂଜ . . . । ମୁଁ କହିଲି ଆଉ ବଂଶୀ ! ପିଟୁଲା କିଛି ସମୟ ଚୁପ୍ ରହିଲେ । କହିଲେ, ବଂଶୀ ବଜାଉଥିବା ଦୁତୀ ଜାନିଙ୍କୁ ଏବେ ୭୫-୮୦ ବର୍ଷ । ବେଶି ଚଲାବୁଲା କରି ପାରୁ ନାହାଁନ୍ତି । ମଝିରେ ମଝିରେ କାଶ ହେଉଛି । ତା' ବଂଶୀ ବଜାଇବା ୨୦-୨୨ ବର୍ଷ ହେବ ଆଜ୍ଞା ବନ୍ଦ ହୋଇ ଯାଇଛି । ଏ ମୂଲକରେ କୋଉ ଗାଁ ନାହିଁ ଯୋଉଠି ପର୍ବରେ ଦୁତୀ ଜାନି ବଂଶୀ ନ ବଜାଇଛି ! କୋଉ ପାହାଡ ନାହିଁ ଯେଉଁଠିକି ସେ ବଂଶୀ ଧରି ନ ଯାଇଛି ! ଦୁତୀର ବାପା ଆହୁରି ସୁନ୍ଦର ବଂଶୀ ବଜାଉଥିଲେ । ଏବେ ଦୁତୀର ପୁଅ ବଂଶୀ ବଜାଉଛି । କିନ୍ତୁ ଦୂତୀର କଳା ତା'ଠି କାଇଁ ? ଦୁତୀ ଜାନିଙ୍କୁ ଦେଖିବା ପାଇଁ ତାଙ୍କ ଘରକୁ ଯାଇଥିଲୁ । ଅଧା ଆଲୁଅ, ଅଧା ଅଂଧାର ସେ ବଖରାରେ କାନ୍ଥକୁ ଆଉଜି ଦୁତୀ ବସିଥିଲେ । ମୂର୍ତ୍ତି ପରି । ଦାଢ଼ି ବଢ଼ି ଯାଇଥିଲା । ଆଖିକୁ ଭଲ ଦିଶୁ ନଥିଲା । କାନ୍ଥ କଣକୁ ଟଂଗା ହୋଇଥିବା ଏକ ମୁଣିରେ ହାତ ତିଆରି ଛୋଟ ବଡ ୭-୮ଟି ବଂଶୀ ଥିଲା । ଦୁତୀଙ୍କୁ ମୁଁ କିଛି ପଚାରି ନଥିଲି । ତେବେ ହଠାତ୍ କାହିଁକି ଲାଗିଲା, ସେଠି ଯେମିତି ବଂଶୀ ବାଜୁଛି !

ଦୁତୀଙ୍କ ପାଖରୁ ସିଧା ଯାଇଥିଲୁ ଗଂଗିପେନୁ । ପ୍ରାୟ ଏକ କି.ମି. ବାଟ ଅତିକ୍ରମ କରିବା ପାଇଁ ଘଣ୍ଟାଏ ଲାଗିଥିଲା । ଦିନ ସେତେବେଳକୁ ୩ ଟା ବାଜିଥିଲା, କିନ୍ତୁ ଗଂଗିପେନୁରେ ସନ୍ଧ୍ୟା ହେଲାପରି ଲାଗୁଥିଲା । ଆମ ସହିତ ଥିଲେ ସୁରେଶଙ୍କ ସହିତ ଗାଁର ଆଉ ୮-୧୦ ଜଣ । ସେମାନେ ନୂଆ ପିଢ଼ିର । ସମ୍ବିତ୍, ରଂଜନ, ଚଂଦନ, ରୂପା ଏବଂ ଆଲୋକ । ଏମାନଙ୍କ ଭିତରୁ କେତେ ଜଣ ପ୍ରଥମ ଥର ପାଇଁ ସେ ଅଂଚଳକୁ ଆସିଥିଲେ । ସେମାନେ ବି କୌତୂହଳୀ ଥିଲେ । ସୁରେଶ କହିଲେ, ବଂଶୀସହିତ ଦେଶୁଘାଟୀର ନୂଆ ପିଢ଼ି ପରିଚିତ

ନୁହଁନ୍ତି । ଏମାନେ ବଂଶୀ ଖାଲି ଯାହା ଦେଖିଛନ୍ତି । ବଂଶୀର ମାୟାରେ ପଡିନାହାଁନ୍ତି । ୨୫ ବର୍ଷ ତଳର ସମୟ ଆଉ ନାହିଁ । ଏବେ ସବୁ ଆଡେ ପଦି (ମିଛ) । ଦେବା ଦେବୀ ରାଗି ଗଲେଣି । ପଦ ଆଉ କାଟୁ ନାହିଁ । ଗାଁ ମୁଣ୍ଡରେ ବାଘ ଆଉ ଭେଟ ହେଉନି । ପଦର, ଡଙ୍ଗର ସବୁ ବଦଳି ଗଲାଣି । ସବୁ ଖାଁ ଖାଁ ଲାଗୁଛି । ସନ୍ଧ୍ୟା ତଥାପି ଦୂରରେ ଥିଲା । ସୁରେଶର କଥା ଆମେ ଶୁଣୁଥିଲୁ । ଚଢ଼େଇଙ୍କ ଚେଁ ଚାଁ ସେଠି ଯେମିତି ବନ୍ଦ ହେଉ ନଥିଲା । କେତୋଟି ଗଛରେ ଅଂଳା କୋଳି ଖୁନ୍ଦି ହୋଇ ରହିଥିଲା । ଭାବିଲି, ୨୦-୨୫ ବର୍ଷ ତଳେ ଗଂଗିପେନୁ ନିଶ୍ଚୟ ଆହୁରି ଚମତ୍କାର ଦିଶୁଥିବ । ଦୁତୀ ଜାନି ହୁଏତ କେଉଁ ପଥର ଉପରେ ବସି ଫସଲ ଜଗୁଥିବେ ଏବଂ ବଂଶୀ ବଜଉଥିବେ ! ବଂଶୀ ଶୁଣିବା ପାଇଁ ଶ୍ରୋତାମାନେ(ଚଢ଼େଇ) ଭିଡ ଲଗାଉଥିବା ବି ଏକଦମ୍ ଅମୂଳକ ହୋଇ ନ ଥିବ । ଝରଣାର କୁଳୁକୁଳୁ ଶବ୍ଦ ସ୍ୱଷ୍ଟ ଶୁଭୁଥିଲା । ସେତେବେଳକୁ ଆମେ ସମସ୍ତେ ଠିଆ ହୋଇଥିଲୁ ଏକ ବଡ ପଥର ଖଣ୍ଡ ଉପରେ । ଏବଂ ଠିକ୍ ସେଇଠୁ ପାହାଡ ଘେରା ଝାପ୍‌ସା ଚକଡା ଖଣ୍ଡକ ମନେ ହେଉଥିଲା ଏକ ମୁକ୍ତ ପ୍ରେକ୍ଷାଳୟ ପରି । ଲାଗୁଥିଲା, କେହି ଯେମିତି ବଂଶୀ ବଜଉଛି ଏବଂ ତା ସହିତ ସୁର ମିଳାଉଛନ୍ତି ଉପତ୍ୟକାର ଯେତେକ ଚଢ଼େଇ ।

(କନ୍ଧମାଳ ଜିଲ୍ଲା ସଂସ୍କୃତି ପରିଷଦ
ତରଫରୁ ଦାରିଂଗବାଡ଼ି ଶୀତ ଉତ୍ସବ
ଅବସରରେ ପ୍ରକାଶିତ ସ୍ମରଣିକା ଶୀତ
ଲହରୀ, ୨୦୧୫ରେ ସ୍ଥାନିତ)

❑




Events Publications.
4555 VSS Nagar,
Bhubaneswar- 751007

Non Fiction
Cover: Prakash Mohapatra

ISBN 978-908070-1-2
978-81-908070-1-2